1985ର ଓଡିଶା ଅଧିନିୟମ 15

# କନ୍ଧମାଳ ବିଧି ବିନିୟମ (ନିରସନ) ଅଧିନିୟମ, 1985

## ବିଷୟବସ୍ତୁ ସାରଣୀ

ପ୍ରସ୍ତାବନା

ବିଭାଗ

1. ସଂକ୍ଷିପ୍ତ ଶୀର୍ଷକ ଏବଂ ପ୍ରାରମ୍ଭ
2. 1936 ର ବିନିୟମ 4ର ନିରସନ
3. ସନ୍ଦେହ ଦୂରୀକରଣ
4. 1963 ର ଓଡିଶା ଅଧିନିୟମ 22 ର ଧାରା 3ର ସଂଶୋଧନ

1985ର ଓଡିଶା ଅଧିନିୟମ 15

# କନ୍ଧମାଳ ବିଧି ବିନିୟମ (ନିରସନ) ଅଧିନିୟମ, 1985

( 3 ଅକ୍ଟୋବର 1985 ରେ ରାଜ୍ୟପାଳଙ୍କ ସମ୍ମତି ପ୍ରାପ୍ତ, ଅକ୍ଟୋବର 11 ତାରିଖ 1985ରେ ଓଡିଶା ଗେଜେଟର ଏକ ଅସାଧାରଣ ସଂସ୍କରଣରେ ପ୍ରଥମେ ପ୍ରକାଶିତ)

କନ୍ଧମାଳ ବିଧି ବିନିୟମ, 1936 କୁ ନିରସିତ କରିବା ପାଇଁ ଏବଂ ଏହା ସହିତ ସଂପୃକ୍ତ କିମ୍ବା ଆନୁଷଙ୍ଗିକ ବିଷୟଗୁଡିକନିମନ୍ତେ ବ୍ୟବସ୍ଥା କରିବା ପାଇଁ ଏକ ଅଧିନିୟମ ଭାରତ ଗଣରାଜ୍ୟର 36 ତମ ବର୍ଷରେ ଓଡିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ।

ସଂକ୍ଷିପ୍ତ ଶୀର୍ଷକ ଏବଂ ପ୍ରାରମ୍ଭ।

1. (1) ଏହି ଅଧିନିୟମଟି କନ୍ଧମାଳ ବିଧି ବିନିୟମ (ନିରସନ) ଅଧିନିୟମ, 1985 ନାମରେ ଅଭିହିତ ହେବ |

(2) ଏହି ଧାରା ତୁରନ୍ତ ଲାଗୁହେବ ଏବଂ ଏହି ଅଧିନିୟମର ଅବଶିଷ୍ଟ ବ୍ୟବସ୍ଥାଗୁଡିକ, ରାଜ୍ୟ ସରକାର ଏତଦୁପଲକ୍ଷେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ, ସେହି ତାରିଖଠାରୁ ବଳବତ୍ତର ହେବ।

1936 ର ବିନିୟମ 4ର ନିରସନ ।

2. କନ୍ଧମାଳ ବିଧିନିୟମ, 1936 ଏତଦ୍ଦ୍ୱାରା ନିରସିତ ହେଲା | 1936 ର ନିୟମ ।

ସନ୍ଦେହ ଦୂରୀକରଣ ।

3. ସନ୍ଦେହର ଦୂରୀକରଣ ପାଇଁ ଏତଦ୍ଦ୍ୱାରା ଘୋଷଣା କରାଯାଉଛି ଯେ, ଉକ୍ତ ବିନିୟମ ନିରସିତ ହେବା ସତ୍ତ୍ୱେ ତାହାର ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ସମସ୍ତ ଅଧିନିୟମନ ଯାହା ଏହି ଅଧିନିୟମ ପ୍ରାରମ୍ଭ ହେବାର ଠିକ୍ ପୂର୍ବରୁ ଉକ୍ତ ବିନିୟମରେ ସଂଜ୍ଞା କରାଯାଇଥିବା ଅଞ୍ଚଳଗୁଡିକୁ ନେଇ ଗଠିତ ଜିଲ୍ଲାରେ ବଳବତ୍ତର ଥିଲା, ସେଗୁଡିକ ଏକ ସକ୍ଷମ ବିଧାନମଣ୍ଡଳ ବା ସକ୍ଷମ ପ୍ରାଧିକାରୀଙ୍କ ଦ୍ୱାରା ପରିବର୍ତ୍ତିତ, ବା ନିରସିତ ବା ସଂଶୋଧିତ ହେବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳଗୁଡିକରେ ବଳବତ୍ତର ହୋଇ ରହିବ ।

1963 ର ଓଡିଶା ଅଧିନିୟମ 22 ର ଧାରା 3ର ସଂଶୋଧନ ।

4. ଓଡିଶା ରାଜସ୍ୱ (ଏକକ) ଅଧିନିୟମ, 1963 ର ଧାରା 3 ର ଖଣ୍ଡ (ଖ) ଅଧୀନରେ ଥିବା ପରନ୍ତୁକ ଲୋପ ହେବ । 1963ର ଓଡିଶା ଅଧିନିୟମ 22 ।

---

ବିଧେୟକ ପାଇଁ, ଓଡିଶା ଗେଜେଟ, ଅସାଧାରଣ, ଜୁଲାଇ 23 ତାରିଖ 1985 (ସଂଖ୍ୟା 994) ଦେଖନ୍ତୁ ।